# ପିଲାଙ୍କ ଧରିତ୍ରୀ

ଶନିବାର, ୦୨ ନଭେମ୍ବର, ୨୦୧୯





୬ କହିଲ ଦେଖି
୮ ଆଇନା
ଆସ ଜାଣିବା ୩
୭ ଜଣା-ଅଜଣା
ଗପ ୨

## ମତାମତ

"ଏଥର ପିଲାଙ୍କ ଧରିତ୍ରୀ ଖୁବ୍ ସୁନ୍ଦର ହୋଇଥିଲା। ତୁମ ତୂଳୀରୁ ପୃଷ୍ଠାରେ ପ୍ରକାଶ ପାଇଥିବା ଦୀପାବଳି ସମ୍ପର୍କିତ ସମସ୍ତ ଚିତ୍ର ଭଲ ଲାଗିଲା।

- **ନନ୍ଦିନୀ ମହାପାତ୍ର,** କାକଡ଼ିଆ, ଜଟଣୀ

"ଦୀପାବଳିର ଉପହାର ଗପଟି ଭଲ ଲାଗିଲା। ପିଲାଙ୍କ ଧରିତ୍ରୀରେ ପ୍ରକାଶ ପାଉଥିବା ପ୍ରତିଟି ଗପରୁ କିଛି ନୀତିଶିକ୍ଷା ମିଳୁଛି।

- **ମନୀଷା ପାଢ଼ୀ,** ନରେନ୍ଦ୍ରପୁର, ଗଞ୍ଜାମ

"ଦୀପାବଳି ସମ୍ପର୍କିତ ସମସ୍ତ କବିତା ମନଛୁଆଁ ହୋଇଥିଲା। ଆଇନା ପୃଷ୍ଠାଟି ଖୁବ୍ ସୁନ୍ଦର ଲାଗୁଥିଲା।

- **ସୌମ୍ୟ ସୌଭିକ୍,** ପଟିଆ, ଭୁବନେଶ୍ୱର

"ପୃଷ୍ଠା ୩ଟି ପାଠ କଲି। ଏତେ କମ୍ ବୟସରେ ବି କୁନି କୁନି ପିଲା କିପରି ଦୀପାବଳି ସତର୍କତାର ସହ ପାଳିବେ ବୋଲି ମନସ୍ଥ କରିଛନ୍ତି, ତାହା ଜାଣି ଖୁସି ଲାଗିଲା।

- **ସୁଲେଖା ସ୍ୱାଇଁ,** ପାଣିକୋଇଲି, ଯାଜପୁର

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com



## ବିଲୁଆର ପଣସ ଖିଆ

ଗପ

ଗୋଟିଏ ଜଙ୍ଗଲରେ ଏକ ବିଲୁଆ ବାସ କରୁଥିଲା। ଜଙ୍ଗଲରେ ଯାହା ମିଳେ ବିଲୁଆ ତାକୁ ଖାଇ ସୁଖ ଶାନ୍ତିରେ ଜୀବନ କାଟୁଥିଲା। ଦିନେ ବିଲୁଆ ବୁଲୁ ବୁଲୁ ଗୋଟିଏ ବଡ଼ ପଣସ ପାଇଲା। ସେଇଟିକୁ ସେ ଲୁଚାଇ ରଖିଲା। ସେଥିରୁ ପ୍ରତିଦିନ କିଛି କିଛି ଅଂଶ ଖାଏ ଓ ଅବଶିଷ୍ଟ ରଖିଦିଏ ପର ଦିନ ଖାଇବା ପାଇଁ। ଏପରି ପ୍ରତିଦିନ ପଣସକୁ ସାଇତି ରଖି ଖାଇବାରୁ ତାକୁ ଖାଦ୍ୟ ଖୋଜିବାକୁ ବାହାରକୁ ଯିବାକୁ ପଡିଲାନି। କେବଳ ଘରେ ବସିରହି ତାକୁ ଖାଇଲା। ସାଙ୍ଗମାନଙ୍କ ସହିତ ଖେଳିବାକୁ ବି ଗଲା ନାହିଁ। ଦିନେ ହଠାତ୍ ଦେଖାଗଲା ବିଲୁଆ ବିକଳ ହୋଇ ବାହାରେ ଗଡୁଛି। ଏହା ଦେଖି ଭାଲୁ ତା' ପାଖକୁ ଧାଇଁଗଲା। ତାକୁ ଉଠାଇ ପଚାରିବାରୁ ସେ କହିଲା– ମୋର ପେଟ କ'ଣ ହୋଇଯାଉଛି। ଭାଲୁକୁ ବୁଦ୍ଧିବାଟ କିଛି ଦେଖାଗଲା ନାହିଁ। କିପରି ତାକୁ ଡାକ୍ତରଖାନା ନେବ ଚିନ୍ତା କଲା। କେହି କୁଆଡ଼େ ନାହିଁ। ଏତିକିବେଳେ ତା' ନାକରେ ପଣସର ବାସ୍ନା ବାଜିଲା। ସେ ଚାରିଆଡ଼କୁ ଚାହିଁ ଦେଖେ ତ ବିଲୁଆ ବସାରେ ଗୋଟିଏ ପଚା ପଣସ। ଭାଲୁ ଜାଣିଦେଲା ଯେ ପଚା ପଣସ ହିଁ ବିଲୁଆ ପେଟ ଖରାପର ମୂଳ କାରଣ। ଡାକ୍ତର ନ ଦେଖାଇ ଔଷଧ ଦେବା ଠିକ୍ ହେବ ନାହିଁ।

ସେ ତେଣୁ କାଳବିଳମ୍ବ ନ କରି ବିଲୁଆକୁ ନେଇ ଡାକ୍ତରଖାନା ଗଲା। ଗଧିଆ ଡାକ୍ତର ତାକୁ ପରୀକ୍ଷା କରି କହିଲା– ବିଷାକ୍ତ ଖାଦ୍ୟ ଖାଇବା କାରଣରୁ ତା'ର ଏପରି ଅବସ୍ଥା ହୋଇଛି। ବିଲୁଆ ବି ସବୁ ସତକଥା ମାନିଗଲା। ଗଧିଆ ଡାକ୍ତର ତାକୁ କିଛି ଔଷଧ ଦେଲା ଏବଂ ପଚା ଦୂଷିତ ଖାଦ୍ୟ ନ ଖାଇବା ଲାଗି ପରାମର୍ଶ ଦେଲା। ତା'ପରେ ସେମାନେ ବିଲୁଆ ବସାକୁ ଗଲେ। ସେଠାରେ ସେ ପଚା ଓ ଦୂଷିତ ପଣସକୁ ଦେଖି ଆଶ୍ଚର୍ଯ୍ୟ ହେଲେ ଓ ତାହା ନ ଖାଇବାକୁ ବୁଝାଇ କହିଲେ। ତା' ସହିତ ପ୍ରତ୍ୟେକ ଖାଦ୍ୟ ପଦାର୍ଥକୁ ଘୋଡ଼ାଇ ରଖିବାକୁ ପରାମର୍ଶ ଦେଲେ।

ବିଲୁଆ ପଣସ ପାଇବା ଦିନଠାରୁ ବୁଲାବୁଲି ନ କରିବାରୁ ଅଳସୁଆ ହୋଇ ଯାଇଥିଲା। ଦୈନିକ ଚଲାବୁଲା କରିବା ଏକ ପ୍ରକାର ବ୍ୟାୟାମ। ତାହା ନ କରିବା ଦ୍ୱାରା ବିଲୁଆକୁ ଅନେକ ରୋଗ ଧରିଥିବା କଥା ଗଧିଆ ଡାକ୍ତରଙ୍କଠାରୁ ଶୁଣି ବିଲୁଆ ମନ ଦୁଃଖ କଲା। ସେହିଦିନଠାରୁ ସେ ପ୍ରତିଦିନ ଚଲାବୁଲା କରିବା ସହିତ ବ୍ୟାୟାମ କରି ଖୁସିରେ ରହିଲା। ଆଉ କେବେ ପଚା ଓ ଦୂଷିତ ଖାଦ୍ୟ ଖାଇଲା ନାହିଁ।


– **ରମେଶ ଚନ୍ଦ୍ର ଦାଶ,** ଶିକ୍ଷାଶ୍ରୀ ଲେନ୍,
କୁମ୍ଭାରପଡ଼ା, ପୁରୀ
ମୋ: ୯୭୭୬୨୩୮୫୨୨

## ଖିଲିଖିଲି ହସ

(ବିଜୁ ଓ ଅଜୁ ମଧ୍ୟରେ କଥାବାର୍ତ୍ତା)
ବିଜୁ: ଅଜୁ, ଜାଣିଛୁ ହ୍ୱାଟ୍ସଆପ୍ ହେଉଛି ପିଲାଙ୍କ ଡାଇପର ପରି।
ଅଜୁ: କେମିତି ?
ବିଜୁ: ପିଲାଙ୍କ ଡାଇପର ପରି ତାକୁ ୫ମିନିଟ୍‌କୁ ୫ମିନିଟ୍ ଚେକ୍ କରିବାକୁ ପଡ଼ିଥାଏ।

ରୌନକ୍ : ରାଜୁ, ତୋ ପାଖରେ ଦୀପାବଳି ପାଇଁ କ'ଣ ଅଛି ?
ରାଜୁ ଦେଖେଇ ହୋଇ କହିଲା: ମୋ ପାଖରେ ରକେଟ୍ ଅଛି ଚକ୍ରୀ ଅଛି, ଫୁଲଝରି ଅଛି। ଆଉ ତୋ ପାଖରେ କ'ଣ ଅଛି ?
ରୌନକ: ମୋ ପାଖରେ ଦିଆସିଲି ଅଛି, ତୋ ବାଣ ସବୁକୁ ମୁଁ ଫୁଟାଇ ଦେବି। ଆଉ କିଛି ରହିବ ନାହିଁ।

ଥରେ ମୋହନ୍ ସ୍କୁଲ୍‌କୁ ଗୋଟିଏ କଳା ଓ ଧଳା ଜୋତା ପିନ୍ଧି ଆସିବାରୁ ତାକୁ ଦେଖି ଶିକ୍ଷକ କହିଲେ, ଘରକୁ ଯାଅ ଜୋତା ବଦଳାଇ ଆସିବ।
ମୋହନ୍: କିଛି ଫାଇଦା ନାହିଁ ସାର୍, ଘରକୁ ଗଲେ ବି ଏମିତି ହଳେ ଜୋତା ଥୁଆ ହୋଇଥିବ।




## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

# ପିଇବା ଜଳ

## କିପରି କରିବା ସଂରକ୍ଷଣ










ପିଲାମାନେ! ବର୍ତ୍ତମାନ ବିଶ୍ୱରେ ପିଇବା ଜଳ ସଂକଟ ଦେଖାଗଲାଣି। ପାଣିବୋତଲ, ପାଣିପାଉଚ, ପାଣି କେନ୍ ଆଦିର ପ୍ରଚଳନ ଏପରି ବଢ଼ିଯାଇଛି ଯେ, ପାଣି ରହିବା ପ୍ଲାଷ୍ଟିକ୍ ବର୍ତ୍ତମାନ ପରିବେଶ ପାଇଁ ସଂକଟ ବଢ଼ାଇଛି।

ତୁମେମାନେ ଜାଣିଥିବ ପ୍ରାୟ ୯୭.୫ ଶତାଂଶ ହେଉଛି ସମୁଦ୍ରର ଲୁଣିଜଳ ଓ ୨.୫ ଶତାଂଶ ମଧୁର ଜଳ। ମଧୁର ଜଳର ୬୮.୭ ଭାଗ ବରଫ ଆକାରରେ, ୩୦.୧ ଭାଗ ଭୂତଳ ଜଳ ଓ ୧.୨ ଭାଗ ଭୂପୃଷ୍ଠର ଜଳ ଆକାରରେ ରହିଛି। ଏହି ଭୂପୃଷ୍ଠ ଜଳ ନଦୀ, ଝରଣା, ହ୍ରଦ, ପୋଖରୀ ଆକାରରେ ରହିଛି, ଯାହାକି ଜୀବଜଗତର ଅଧିକାଂଶ ଆବଶ୍ୟକତାକୁ ପୂରଣ କରିଥାଏ। ଏହି ମଧୁର ଜଳ ହିଁ କୃଷି ଓ ଶକ୍ତି ଉତ୍ପାଦନ ପାଇଁ ଆବଶ୍ୟକ। ପୃଥିବୀରେ ଲୋକସଂଖ୍ୟା ବୃଦ୍ଧି ପାଉଥିବାବେଳେ ସେମାନଙ୍କର ନିତ୍ୟ ବ୍ୟବହାରର ଅତ୍ୟାବଶ୍ୟକ ଦ୍ରବ୍ୟ ରୂପେ ପରିଗଣିତ ହେଉଛି। ପରିବେଶର ପ୍ରଦୂଷଣ ଜଳ ସଂକଟର ମୁଖ୍ୟ କାରଣ। ତେଣୁ ୧୯୯୨ରେ ଜାତିସଂଘ ତରଫରୁ ରିଓ-ଡି- ଜେନେରିଓଠାରେ ବିଶ୍ୱ ପରିବେଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଦେଶର ପ୍ରତିନିଧିମାନେ ଯୋଗଦେଇ ପରିବେଶ ପ୍ରଦୂଷଣକୁ ହ୍ରାସ ପାଇଁ ବିଭିନ୍ନ ପଦକ୍ଷେପ ନେବା ସହିତ ପ୍ରତିବର୍ଷ ମାର୍ଚ୍ଚ ୨୨କୁ ବିଶ୍ୱ ଜଳ ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ୧୯୯୩ ମାର୍ଚ୍ଚ ୨୨ରେ ପ୍ରତିବର୍ଷ ବିଶ୍ୱ ଜଳ ଦିବସ ପାଳିତ ହୋଇ ଆସୁଅଛି। ଏକ ହିସାବରୁ ଜଣାପଡ଼ିଛି, ସାରା ବିଶ୍ୱରେ ବିଲିୟନରୁ ଅଧିକ ଲୋକ ପିଇବା ଜଳ ପାଇପାରୁ ନାହାନ୍ତି। ଅନ୍ୟ ପ୍ରକାରେ କହିବାକୁ ଗଲେ ପ୍ରତି ୭ ଜଣରେ ଜଣେ ପାନୀୟ ଜଳ ପାଇପାରୁ ନାହିଁ। ବର୍ତ୍ତମାନ ସମୟ ଆସିଛି ଜଳ ସଂରକ୍ଷଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇ ଜନସଚେତନତା ସୃଷ୍ଟି କରିବାକୁ ହେବ। ସମୁଦ୍ର ଜଳରୁ ଲବଣ ଅଂଶ ପୃଥକୀକରଣ ପାଇଁ ବୈଷୟିକ ଜ୍ଞାନକୌଶଳ ଅବଲମ୍ବନ କରିବାକୁ ହେବ। ଲବଣ ଅପସାରଣ ପାଇଁ ପାତନ, ଆୟନ, ବିନିମୟ ଝିଲ୍ଲି ପ୍ରକ୍ରିୟା, ଘନୀଭୂତ ସୌର ଲବଣ ଅପସାରଣ ଇତ୍ୟାଦି ଉପାୟ ରହିଛି।

ଝିଲ୍ଲି ପ୍ରକ୍ରିୟା ଦ୍ୱାରା ଲବଣ ଅପସାରଣ ପଦ୍ଧତି ଅନେକ ଜାଗାରେ ବ୍ୟବହାର କରାଗଲାଣି। ଏଥିରେ ସମୁଦ୍ର ଜଳକୁ ଚାପ ପ୍ରୟୋଗ କରି ଏକ ସଚ୍ଛିଦ୍ର ପରଦା ଦେଇ ଗତି କରାଯାଇଥାଏ। ଏହାଫଳରେ ଅପରପାର୍ଶ୍ୱରେ ଲବଣ ଓ ଧାତୁସାର ବିହୀନ ଜଳ ସଂଗୃହୀତ ହୋଇଥାଏ। ଏହାକୁ ବିପରୀତ ପରାସରଣ ପଦ୍ଧତି(ଅସ୍‌ମୋସିସ୍ ପଦ୍ଧତିର ବିପରୀତ ପ୍ରକ୍ରିୟା) କୁହାଯାଏ । ପିଲାମାନେ! ତୁମ୍ଭେମାନେ ବିଦ୍ୟାଳୟରେ ବିଜ୍ଞାନ ମେଳାରେ ଅନେକ ସମୟରେ ବର୍ଷାଜଳ ଅମଳ ପ୍ରକଳ୍ପ ପ୍ରଦର୍ଶନ କରିଥାଅ। ବର୍ଷାଜଳ ଅମଳର ଅର୍ଥ ହେଲା ବର୍ଷା ସମୟରେ ବର୍ଷାଜଳକୁ ବାହାରକୁ ଛାଡ଼ି ନ ଦେଇ ତାକୁ ଭୂତଳ ମଧ୍ୟକୁ ଛଡ଼ାଯାଏ କିମ୍ବା ଜଳଭଣ୍ଡାର ସୃଷ୍ଟି କରି ସାଇତି ରଖାଯାଇଥାଏ। ସେହି ଜଳକୁ ଶୋଧନ କରି ବଗିଚା, ଜୀବଜନ୍ତୁ ଓ ଘରୋଇ ବ୍ୟବହାର ପାଇଁ ଉପଯୋଗ କରାଯାଏ। ଆମ ଦେଶର ତାମିଲନାଡୁରେ ବର୍ଷାଜଳ ସଂରକ୍ଷଣ ଏବେ ବାଧ୍ୟତାମୂଳକ ହୋଇଛି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଏଭଳି କରିବା ପାଇଁ ଧୀରେଧୀରେ ପ୍ରୟାସ ଜାରି ରଖିଛନ୍ତି। ଅନ୍ୟ ଏକ ଅଭିନବ ଉପାୟ ହେଉଛି– 'ବାୟୁରୁ ଜଳ ସୃଷ୍ଟି।' ବାୟୁ ଯଦି ଆର୍ଦ୍ର ଥାଏ, ତେବେ ସେଥିରେ ଥିବା ଜଳୀୟ ଅଂଶକୁ ଏକ ପଦ୍ଧତିରେ ବାହାର କରାଯାଏ। ଯେଉଁଠି ବାୟୁ ଶୁଷ୍କ ଅଛି, ସେଇଠି ବାୟୁକୁ ଥଣ୍ଡା କରିବା ଲାଗି ସୌରଶକ୍ତିର ସାହାଯ୍ୟ ନିଆଯାଇଛି। ଏ ପ୍ରକ୍ରିୟା ପାଇଁ ବହୁ ଦେଶରେ ଗବେଷଣା ଜାରି ରହିଛି। ପ୍ରଥମେ ଇସ୍ରାଏଲ ଦେଶ ଏ ପଦ୍ଧତିରେ ପାନୀୟ ଜଳ ବାହାର କରି ତା'ର ସାମରିକ ବାହିନୀକୁ ଜଳ ଯୋଗାଇ ଦେଇଥିଲା। ବେଳେବେଳେ ଶୁଣିବାକୁ ମିଳୁଛି, ପାନୀୟ ଜଳ ପାଇଁ 'ତୃତୀୟ ବିଶ୍ୱଯୁଦ୍ଧ' ଭବିଷ୍ୟତରେ ହୋଇପାରେ। ତେଣୁ ପିଲାମାନେ, ଆମେ ସତର୍କ ହୋଇ ଘରେ ଓ ବାହାରେ ଜଳର ଅପଚୟ ଯେପରି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବା।


**–ବିନୋଦ ଚନ୍ଦ୍ର ଜେନା**
ପାରଳାଖେମୁଣ୍ଡି, ଗଜପତି



## ଆସ ଜାଣିବା

### ସାଇନ୍ସ ମ୍ୟୁଜିୟମ

ମ୍ୟୁଜିୟମ୍ ବା ସଂଗ୍ରହାଳୟ, ଏଭଳି ଏକ ସ୍ଥାନ ଯେଉଁଠାରେ ଅତୀତର ଘଟଣାବଳୀ, ବସ୍ତୁ, ଦ୍ରବ୍ୟ ଆଦିକୁ ସାଇତି ରଖାଯାଏ। ସେହିଭଳି ଏକ ମ୍ୟୁଜିୟମ ରହିଛି ଲଣ୍ଡନର ସାଉଥ କେସିଙ୍ଗଟନଠାରେ ଯାହା ସାଇନ୍ସ ମ୍ୟୁଜିୟମ୍ ଭାବେ ପରିଚିତ। ଏହି ମ୍ୟୁଜିୟମ ୧୮୫୭ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ଉକ୍ତ ମ୍ୟୁଜିୟମ୍‌ରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ମେଡସିନ, ବାଣିଜ୍ୟ ଆଦି ସମ୍ବନ୍ଧିତ ପ୍ରାୟ ୩ଲକ୍ଷରୁ ଉର୍ଦ୍ଧ୍ୱ ବସ୍ତୁ ଏବଂ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ଏଠାରେ ଥିବା ନ୍ୟୁକମେନ୍‌ସ୍‌ଙ୍କ ଷ୍ଟିମ୍ ଇଞ୍ଜିନ୍, ଆପୋଲ ୧୦ କମାଣ୍ଡ ମଡ୍ୟୁଲ ଆଦି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। କେବଳ ସେତିକି ନୁହେଁ ଏଠାରେ ମହାକାଶ ଯାତ୍ରାର ଇତିହାସ, କମ୍ପ୍ୟୁଟରର ଆରମ୍ଭ, ଔଷଧର ବିକାଶ ଆଦି ବିଷୟ ଉପରେ ମଧ୍ୟ ଅନେକ ତଥ୍ୟ ପ୍ରଦର୍ଶନ କରାଯାଇଛି। ଏହା ବ୍ୟତୀତ ଏଠାରେ କାର, ବାଇକଠାରୁ ଆରମ୍ଭ କରି ଉଡାଜାହାଜ ତଥା ବିଭିନ୍ନ ସମୟର କୌତୂହଳପୂର୍ଣ୍ଣ ଉଦ୍ଭାବନକୁ ଅତି ସୁନ୍ଦର ଭାବେ ସଜାଇ ରଖାଯାଇଛି। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ନା କେବଳ ଏହି ସବୁ ଉଦ୍ଭାବନକୁ ଦେଖିବାର ସୁଯୋଗ ପା'ନ୍ତି ବରଂ ଏକ୍ସପର୍ଟଙ୍କ ଦ୍ୱାରା ପ୍ରଦର୍ଶିତ ହେଉଥିବା ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ପ୍ରଦର୍ଶନରେ ଭାଗ ନେବାର ସୁଯୋଗ ମଧ୍ୟ ପାଇଥାନ୍ତି।









୧ ଦେବବ୍ରତ ବେଉରା
କ୍ଲାସ – ୪, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର



୨ ଶ୍ରୀଜିତ୍ ଶ୍ରୀରାଜ୍ ମିଶ୍ର
କ୍ଲାସ – ୨, ସେଣ୍ଟ୍ ଜାଭିୟର୍ସ ସ୍କୁଲ, ପୁରୀ



୩ ଅରବିନ୍ଦ ବେହେରା
କ୍ଲାସ–୫, ମଣ୍ଟେସୋରୀ ପବ୍ଲିକ୍ ସ୍କୁଲ, ବଲାଙ୍ଗୀର



୪ ଶୋଭିନ୍ ଦାସ
କ୍ଲାସ – ୩, ଲୋଧା ୱାର୍ଲ୍ଡ ସ୍କୁଲ, ଡମ୍ବିଭାଲି, ମୁମ୍ବାଇ



୫ ପ୍ରତୀକ କୁମାର ଘିବେଲା
କ୍ଲାସ–୨, ଲିଟିଲ୍ ଫ୍ଲାୱାର ସ୍କୁଲ, ବଲାଙ୍ଗୀର



୬ ଅଭିଷେକ ଜେନା
କ୍ଲାସ–୬, କେନ୍ଦ୍ରୀୟ ବିଦ୍ୟାଳୟ–୪, ନୀଳାଦ୍ରି ବିହାର, ଭୁବନେଶ୍ୱର



୭ ସିଦ୍ଧାନ୍ତ କୁମାର ପତି
କ୍ଲାସ – ୩, ଏ.ଇ.ଏମ୍. ଇଂଲିଶ ମିଡିୟମ୍ ସ୍କୁଲ, ବରଗଡ



୮ ସଚିନ୍ ସେଠ୍
କ୍ଲାସ – ୭, ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଲାଙ୍ଗୀର




୯ ଅନୁଷ୍କା ବେଉରା
କ୍ଲାସ–୫, ସେଣ୍ଟ୍ ଯୋଶେଫ୍ ହାଇଅର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର



୧୦ ରଜନୀ ସାହୁ
କ୍ଲାସ – ୭, ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଲାଙ୍ଗୀର




୧




୨




୩




୪




୫



୬



୭



୮



୯



୧୦

# କବିତା

## କରିଣ ପଛ




ବରଗଛଟି ମୁଁ ବାତ୍ୟା ମାଡ଼ ଖାଇ
ଉପୁଡ଼ି ଯାଇ
ରାସ୍ତା ମଝିଟାରେ ଅବରୋଧ କରି
ରହିଛି ମୁହିଁ।
କିଏ କେତେ କଥା କହୁଛନ୍ତି ମତେ
ନାହିଁ ଭାବନା
କେତେ ଉପକାର କରିଛି ତୁମର
ନାହିଁ କଳନା।
ଚେର ମୂଳ ଡାଳ ସବୁ ମୋର ଅଛି
ମୁହିଁ ବଞ୍ଚିଛି
ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳକୁ
ମୁହିଁ ଶୋଷୁଛି।
ଟେକି ଟାକି ନେଇ ଉଠାଇ ଦିଅ ମୁଁ
କରିବି କାମ
ଉପକାର ମୁହିଁ ଶୁଝି ଦେବି ନିଶ୍ଚେ
କର ଧରମ।
ଗଛଲତା ଲାଗି ଜୀବଜଗତ ତ
ରହିଛି ତିଷ୍ଠି
ଦାନା କନା ବାସ ସବୁ ଯୋଗାଉଛି
ଦିଅନା କାଟି।
ବରଗଛ ନିବେଦନ କଥା କେହି
ଦୟାଳୁ ଲୋକ
ସରକାରଙ୍କ ପାଖେ ଜଣାଇଲା
ହୋଇ ନିର୍ଭୀକ।
ଜଙ୍ଗଲ ବିଭାଗ ସରକାରୀ ବାବୁ
ଗଛର କଥା
ଖବରକାଗଜୁ ପଢି ସଙ୍ଗେ ସଙ୍ଗେ
କରିଲେ ଚିନ୍ତା।
ଲୋକବାକ ନେଇ ଗଛ ଉଠାଇଲେ
ଯନ୍ତ୍ର ଲଗାଇ
ଚାରିଆଡୁ ତାଙ୍କୁ ସାବାସି ମିଳିଲା
ଏକାମ ପାଇଁ।
ବାତ୍ୟାରେ ଉପୁଡି ବଞ୍ଚି ରହିଥିବ
ଯେଉଁଠି ଗଛ
ଆସ ଉଠାଇବା ଅନ୍ୟ କାମ ଯେତେ
କରିଣ ପଛ।

-ନଟବର ସାହୁ
ଏଲ-୩୮, ବରମୁଣ୍ଡା, ଭୁବନେଶ୍ୱର

## ମୁଁ ତ ଅଲୋଡ଼ା ନୁହେଁ


ଏଇ ମାଟିର ପାଣି ପବନ
ତହିଁରେ ଗଢ଼ା ମୋର ଜୀବନ
ମୋ ମାଟି ମା' ପରାଣେ ଭରି
ନବଚେତନା ଆଣି।
ପାରାବାର ଯା' ଚରଣ ଧୁଏ
ହିମାଳୟ ଯା' ମୁକୁଟ ଶୋହେ
ଝରଣା ଯା'ର ଗାଏଟି ଗୀତ
ନଈଟି ଯାଏ ବହି।
ଯା'ର ମାନ ରଖିବା ପାଇଁ
ବୀର ଅନେକ ଜୀବନ ଦେଇ
କୀରତି ଯା'ର ଅତୁଟ ରହେ
ତା' ପାଦେ ଯାଏ ନମି।
ନୁହଁ ମୋର ପଳାଶଫୁଲ
ବାସନା ନାହିଁ ସିନା ମୋହର
ସମୟ ତା'ର କହିବ କଥା
ଦେଇନି କେବେ ହୃଦୟେ ବ୍ୟଥା
ମୁଁ ତ ଅଲୋଡ଼ା ନୁହେଁ।




-ଜଗନ୍ନାଥ ସାମଲ, ତୁଳସୀପୁର,
ଭଣ୍ଡାରିପୋଖରୀ,
ଭଦ୍ରକ, ମୋ:୯୪୩୭୩୦୯୯୩୬

## ତୁମ ପଢ଼ିବା ପାଇଁ

**ବାଇ ଚଢ଼େଇ:** ତ୍ରୈମାସିକ ଶିଶୁ -କିଶୋର ପତ୍ରିକା ବାଇଚଢ଼େଇ ଶାରଦୀୟ ବିଶେଷାଙ୍କ(ଅକ୍ଟୋବର-ଡିସେମ୍ବର) ସଂଖ୍ୟାରେ ଟିକି ଚଢ଼େଇ,ଆମର ଜୀବନଶୈଳୀ ଓ ଦିନଚର୍ଯ୍ୟା,ହଜିଲା ଧନ,ମିଛରେ ଦେଖାଇ ହୁଅନ୍ତି,ଜେଜେ ଆମ ଠାକୁର ପରି ରହିଛି କେତୋଟି ଗଳ୍ପ ଓ କବିତା। ବିକାଶ କୁମାର ଶତପଥୀଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୩୦ଟଙ୍କା। ଯୋଗାଯୋଗ-ଗାଁ ଗଣ୍ଡା ସାହିତ୍ୟ ସଂସଦ, ମଦନାପୁର,ଗୋପାଳପୁର,ବାଲେଶ୍ୱର।




## କହିଲ ଦେଖି



୧)ଗୋଡ ନାହିଁ କିନ୍ତୁ ଚାଲଇ ସିଏ
ପାଣିରେ ରୁହେ ସେ ଗାତରେ ରୁହେ
ବହୁ ଲୋକଙ୍କର ସିଏ ଜୀବନ ନିଏ
ନାମଟି ତାହାର କୁହ ଜାଣିଛି କିଏ।

ଉ-ସାପ

୨)ପ୍ରଥମ ଦ୍ୱିତୀୟ କରିଲେ
ଯୋଗ
ସାଜଇ ଯେଉଁ କୀଟ
ସେହି କୀଟରେ 'ରି'
ଯୋଡିଲେ
କରେ ତାକୁ ଆକଟ।
ଦ୍ୱିତୀୟ ତୃତୀୟ ମିଶିଲେ ପରା
ସାଜଇ ଏକ ପକ୍ଷୀ
ଭାରି ଉପକାରୀ ଅଟଇ ସିଏ
କିଏ କହିଲ ଦେଖି।



ଉ-ମଶାରି

୩)ଚିଠି ନୁହେଁ କିନ୍ତୁ ଦିଏ ଖବର
ବିଜୁଳି ପରି କ୍ଷିପ୍ରଗତି ତାହାର
ଜାଣିଲା ପରେ ତା'ର ବ୍ୟବହାର
ତା'କୁ ଛାଡିବା ଏବେ ଭାରି କଷ୍ଟକର।

ଉ- ମୋବାଇଲ୍



-ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର,ଉତ୍ତରକୂଳହାଟ, ପ୍ରାତିପୁର,
ଯାଜପୁର, ମୋ: ୮୮୯୨୩୦୧୧୪୩

## ଆସ ଖୋଜିବା

କେଉଁ ଚପଲ ହଳେ ନାହିଁ...



## ଏ ଥ ର ର ପ୍ର ଶ୍ନ

କେଉଁଟି ଅଲଗା

- ★ ଓଡିଶା, ଆନ୍ଧ୍ର ପ୍ରଦେଶ, ବିହାର, ଚଣ୍ଡିଗଡ
- ★ ଭଲିବଲ, ଫୁଟବଲ, ଚେସ୍, ବ୍ୟାଡମିଣ୍ଟନ
- ★ ବ୍ୟାଗ, ବହି, ଖାତା, ପେନ
- ★ ମକା, ଅଟା, ଗହମ, ଧାନ
- ★ କାର, ବସ, ଶଗଡ, ମୋଟର ସାଇକେଲ

## ଆରଥରର ଉତ୍ତର

- ✲ ଶ୍ରୀକୃଷ୍ଣ
- ✲ଧନତେରାସ
- ✲କୁବେର
- ✲ତାମିଲନାଡୁ
- ✲ଭାଇଫୋଟା

# ଜଣା ଅଜଣା



✲ ନିସ୍ତବ୍ଧ ଜଙ୍ଗଲ ମଧ୍ୟରେ ଗୋଟିଏ ବାଘର ଗର୍ଜନ ୮ କିଲୋମିଟର ଯାଏଁ ଶୁଣାଯାଇଥାଏ।



✲ ଗବେଷଣାରୁ ଜଣାଯାଇଛି ଯେ ନାଲି ଏବଂ ହଳଦିଆ ରଙ୍ଗ ଭୋକ ବଢ଼ାଇଥାଏ। ତେଣୁ ପ୍ରାୟ ହୋଟେଲର ଖାଦ୍ୟ ପ୍ରସ୍ତୁତିରେ ନାଲି ବା ହଳଦିଆ ରଙ୍ଗ ପ୍ରୟୋଗ କରାଯାଇଥାଏ।



✲ ଆମ ଆଖିରେ ଥିବା ରୋଡ ସେଲ୍ ଏବଂ କୋନ ସେଲ୍ ଯୋଗୁଁ ଆମେ ଦେଖିବାକୁ ସକ୍ଷମ ହୋଇଥାଉ। ରୋଡ ସେଲ୍ ଆମକୁ ରାତିରେ ମଧ୍ୟ ଦେଖିବାରେ ସାହାଯ୍ୟ କରିଥିବା ବେଳେ କୋନ ସେଲ୍ ଆମକୁ ରଙ୍ଗ ବାରିବାରେ ସାହାଯ୍ୟ କରିଥାଏ।



✲ ପୁରୁଷ ମୟୂରର ସୁନ୍ଦର ପୁଚ୍ଛ ଥିବା ବେଳେ ସ୍ତ୍ରୀ ମୟୂରର ପୁଚ୍ଛ ସେଭଳି ନ ଥାଏ।



✲ ମଣିଷଙ୍କ ଭଳି ଭାଲୁ ଦୁଇ ଗୋଡ଼ରେ ଚାଲିପାରେ।



✲ ଗ୍ରେଟ ୱାଲ ଅଫ୍ ଚାଇନା ହେଉଛି ମନୁଷ୍ୟକୃତ ସବୁଠାରୁ ବଡ଼ ସଂରଚନା। ଏହାର ଲମ୍ବ ହେଉଛି ୨୧,୧୯୬ କିମି।

# ଆଇନା



ଓମ୍
୧୦ ବର୍ଷ



ଆୟୁଷୀ
୭ ବର୍ଷ



ରାଜ୍
୭ ବର୍ଷ